# ‘ଆମ ଓଡ଼ିଶା’ର ଭ୍ରାମ୍ୟମାଣ ବହି ଗାଡ଼ି

‘ଆମ ଓଡ଼ିଶା’ ପକ୍ଷରୁ ଏକ ଭ୍ରାମ୍ୟମାଣ ବହି ଗାଡ଼ି ଉଦଘାଟିତ ହୋଇଛି । ସହିଦନଗରରେ ଇଷ୍ଟର୍ଣ୍ଣ ଯାତ୍ରା ଫେଷ୍ଟିଭାଲ ପରିସରରେ ‘ଆମ ଓଡ଼ିଶା’ର ଅଧ୍ୟକ୍ଷ ସୌମ୍ୟରଞ୍ଜନ ପଟ୍ଟନାୟକ ଏହାକୁ ଉଦଘାଟନ କରିଥିଲେ ।ଏହି ଗାଡ଼ିର ମୁଖ୍ୟ ଉଦ୍ଦେଶ୍ୟ ହେଲା ଲୋକଙ୍କ ପାଖରେ ବହି ପହଞ୍ଚାଇବା । ଗାଡ଼ି ସହରର ବିଭିନ୍ନ ସ୍ଥାନ ବୁଲିବ। ଏଥିରେ ‘ଆମ ଓଡ଼ିଶା’ ପକ୍ଷରୁ ପ୍ରକାଶିତ ସମସ୍ତ ପୁସ୍ତକ ଉପଲବ୍ଧ ହେବ। ପୁସ୍ତକପ୍ରେମୀମାନେ ଏଥିରୁ ସେମାନଙ୍କ ପସନ୍ଦର ବହି ସୁଲଭ ମୂଲ୍ୟରେ କିଣିପାରିବେ ।